**ୟୁ. ପି. ରାଜ୍ୟ**

**ବନାମ**

**ସିୟା ରାମ ଏବଂ ଅନ୍ୟ ଜଣେ**

**(ଫୌଜଦାରୀ ଆବେଦନ ସଂଖ୍ୟା 792/2003)**

**ଅଗଷ୍ଟ 5, 2010**

**[ହର୍ଜିତ୍ ସିଂହ ବେଦୀ ଏବଂ ଚନ୍ଦ୍ରମୌଳି କୁମାର ପ୍ରସାଦ, ନ୍ୟାୟମୂର୍ତ୍ତିଦ୍ୱୟ]**

*ପିଙ୍ଗଳ ସଂହିତା, 1860:*

*ଧାରା 307/34 - ତିନି ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣଙ୍କୁ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ କରିବା - ଉଚ୍ଚ ନ୍ୟାୟାଳୟ ତାଙ୍କ ସମ୍ମୁଖରେ ଥିବା ଆବେଦନକାରୀମାନଙ୍କ ମଧ୍ୟରୁ ଜଣଙ୍କୁ ଦୋଷ ମୁକ୍ତ କରିବା ଏବଂ ଅନ୍ୟଜଣଙ୍କ ଦଣ୍ଡକୁ ପୂର୍ବରୁ ଭୋଗିସାରିଥିବା ଅବଧି ପର୍ଯ୍ୟନ୍ତ ହ୍ରାସ କରିବା ଏବଂ 10,000/- ଟଙ୍କା ଜୋରିମାନା ଲାଗୁ କରିବା - ଦୋଷ ମୁକ୍ତି ଏବଂ ଦଣ୍ଡ ହ୍ରାସ ବିରୁଦ୍ଧରେ ରାଜ୍ୟ ଦ୍ୱାରା ଆବେଦନ - ଏହା ନିର୍ଣ୍ଣୟ କରାଯାଇଥିଲା ଯେ: ମିଥ୍ୟା ଅପରାଧରେ ସଂପୃକ୍ତ କରାଇବା ପ୍ରବଣତାକୁ ଦୃଷ୍ଟିରେ ରଖି ନ୍ୟାୟାଳୟ ଦୋଷ ମୁକ୍ତି ଆଦେଶରେ ହସ୍ତକ୍ଷେପ କରିବାକୁ ଆଗ୍ରହୀ ନୁହଁନ୍ତି - କିନ୍ତୁ, ଦୋଷୀଙ୍କ ଦଣ୍ଡ ହ୍ରାସକୁ ଅନୁମୋଦନ କରାଯାଇନାହିଁ, ଯଦିଓ 1988 ରେ ଅଭିଯୋଜନ ଆରମ୍ଭ କରାଯାଇଥିଲା ବୋଲି ଥିବା ତଥ୍ୟକୁ ଦୃଷ୍ଟିରେ ରଖାଯାଏ, ତଥାପି କାରାବାସର ଅବଧି ବିଷୟରେ କୌଣସି ହସ୍ତକ୍ଷେପ କରାଯାଇନାହିଁ - କିନ୍ତୁ, ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଜୋରିମାନାକୁ 25,000/- ଟଙ୍କାକୁ ବୃଦ୍ଧି କରାଯାଇଛି - ଦୋଷ ମୁକ୍ତି ବିରୁଦ୍ଧରେ ଆବେଦନ।*

ଫୌଜଦାରୀ ଆବେଦନ ଅଧିକରିତା: ଫୌଜଦାରୀ ଆବେଦନ ସଂଖ୍ୟା 792/2003।

ଫୌଜଦାରୀ ଆବେଦନ ସଂଖ୍ୟା 320/1990 ରେ ଲକ୍ଷ୍ନୌସ୍ଥିତ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ତା 26.09.2002 ରିଖର ରାୟ ଏବଂ ଆଦେଶରୁ ଆବେଦନ।

ଆବେଦନକାରୀଙ୍କ ତରଫରୁ ରତ୍ନାକର ଦାସ, ମନୋଜ ଦ୍ୱିବେଦୀ, ଗୁନ୍ନମ୍ ଭେଙ୍କଟେଶ୍ୱର ରାଓ।

ଉତ୍ତରଦାତାମାନଙ୍କ ତରଫରୁ ଏସ୍. ଆର୍. ସିଂହ, ଏଚ୍. ତ୍ୟାଗୀ, ଅବନୀଶ ସିଂହ, ଅଭିଷ୍ଟ କୁମାର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ଦିଆଯାଇଥିଲା -

## ଆଦେଶ

ଆଇପିସିର ଧାରା 34 ସହିତ ପାଠ କରାଯାଇଥିବା ଧାରା 307 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ତିନି ଜଣଙ୍କୁ ବିଚାର ପାଇଁ ପଠାଯାଇଥିଲା । ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ନେତ ରାମଙ୍କୁ ଦୋଷମୁକ୍ତ କରାଯାଇଥିଲା ଏବଂ ଅନ୍ୟ ଦୁଇ ଅଭିଯୁକ୍ତ ସିୟା ରାମ ଏବଂ ଜିୟା ଲାଲଙ୍କ ଦ୍ୱାରା କରାଯାଇଥିବା ଆବେଦନ ପରେ, ଜିଆ ଲାଲଙ୍କ ଦଣ୍ଡାଦେଶକୁ ବଜାୟ ରଖାଯାଇଥିବାବେଳେ ସିୟା ରାମଙ୍କୁ ଏହି ଆଧାରରେ ଦୋଷମୁକ୍ତ କରାଯାଇଥିଲା ଯେ ତାଙ୍କ ଦ୍ୱାରା ଆରୋପିତ ଗୁଳି ଚାଳନା ଦ୍ୱାରା କୌଣସି ଆଘାତ ହୋଇନଥିଲା । ଜିୟା ଲାଲଙ୍କ ମାମଲାରେ ବିଚାର କରୁଥିବା ସମୟରେ, ଉଚ୍ଚ ନ୍ୟାୟାଳୟ ଆହୁରି ମନ୍ତବ୍ୟ ଦେଇଥିଲେ:

"ତେବେ, ଆବେଦନକାରୀ ଜିୟା ଲାଲଙ୍କ ଦ୍ୱାରା କରାଯାଇଥିବା ଆବେଦନ ଖାରଜ ହୋଇଛି । ତାଙ୍କ ବିରୋଧରେ ଦଣ୍ଡାଦେଶ ମଧ୍ୟ ବଜାୟ ରହିଛି । ତେବେ ଏହି ଘଟଣା 1988 ମସିହାରେ ଘଟିଥିଲା ଏବଂ ଆବେଦନକାରୀ ଜିୟା ଲାଲ ବର୍ତ୍ତମାନ ଜଣେ ବୟସ୍କ ବ୍ୟକ୍ତି ହୋଇଯାଇଛନ୍ତି ଏବଂ ସେ ଜଣେ ଅଭ୍ୟାସଗତ ଅପରାଧୀ କିମ୍ବା ପୂର୍ବରୁ ଦୋଷୀ ବୋଲି ଦର୍ଶାଇବା ପାଇଁ ଅଭିଲେଖରେ କିଛି ତଥ୍ୟ ନାହିଁ - ଏହି ସବୁ ତଥ୍ୟ ଏବଂ ପରିସ୍ଥିତିକୁ ଦେଖିଲେ, ସେ ମଧ୍ୟ କୋହଳ ମତ ପାଇବା ପାଇଁ ଯୋଗ୍ୟ ଅଟନ୍ତି ।

ମାମଲାର ସମସ୍ତ ତଥ୍ୟ ଏବଂ ପରିସ୍ଥିତି ସହିତ ଆବେଦନକାରୀ ଜିୟା ଲାଲଙ୍କ ବୟସ, ଚରିତ୍ର ଏବଂ ଅନ୍ୟାନ୍ୟ ପୂର୍ବଚରିତକୁ ବିଚାରକୁ ନେଇ, ମୁଁ ଦେଖୁଛି ଯେ ଯଦି ଆବେଦନକାରୀ ଜିୟା ଲାଲଙ୍କୁ ଦିଆଯାଇଥିବା ଦଣ୍ଡାଦେଶକୁ ପରିବର୍ତ୍ତନ ଏବଂ ହ୍ରାସ କରାଯାଏ ତେବେ ଏହା ନ୍ୟାୟର ଉଦ୍ଦେଶ୍ୟ ପୂରଣ କରିବ ।"

ତଦନୁସାରେ ଉଚ୍ଚ ନ୍ୟାୟାଳୟ ଦଣ୍ଡାଦେଶକୁ ପୂର୍ବରୁ ଭୋଗିସାରିଥିବା ଅବଧି ପର୍ଯ୍ୟନ୍ତ ହ୍ରାସ କରିଦେଇଥିଲେ, କିନ୍ତୁ 10,000/- ଟଙ୍କା ଜୋରିମାନା ଲାଗୁ କରିଥିଲେ ଏବଂ ଜୋରିମାନା ଦେବାରେ ବିଫଳ ହେଲେ 2 ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଲାଗୁ କରିଥିଲେ ।

ୟୁ. ପି. ରାଜ୍ୟ ବନାମ ସିୟା ରାମ ଏବଂ ଅନ୍ୟ ଜଣେ

ଉତ୍ତର ପ୍ରଦେଶ ରାଜ୍ୟର ଅନୁରୋଧ କ୍ରମେ ଏହି ଆବେଦନ ଦାଏର କରାଯାଇଛି । ରାଜ୍ୟ ତରଫରୁ ବରିଷ୍ଠ ବିଜ୍ଞ ଓକିଲ ଶ୍ରୀ ରତ୍ନାକର ଦାସଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ସିୟା ରାମଙ୍କୁ ଦୋଷ ମୁକ୍ତ କରିବା ନ୍ୟାୟସଙ୍ଗତ ନଥିଲା କାରଣ ତାଙ୍କୁ ଧାରା 307/34 ଅନୁଯାୟୀ ଅପରାଧ ପାଇଁ ବିଚାର କରାଯାଇଥିଲା ଏବଂ କେବଳ ଏହି କାରଣରୁ ଯେ ତାଙ୍କ ଦ୍ୱାରା ଗୁଳି ଚାଳନା ଦ୍ୱାରା ଅଭିଳକ୍ଷିତ ପୀଡ଼ିତା ଆଘାତ ହୋଇନଥିଲେ, ଦୋଷ ମୁକ୍ତି ପାଇଁ ଏକ ବୈଧ ଆଧାର ନଥିଲା । ଜିୟା ଲାଲଙ୍କ ସମ୍ପର୍କରେ ଶ୍ରୀ ଦାସ ଦର୍ଶାଇଛନ୍ତି ଯେ, ଦଣ୍ଡାଦେଶକୁ ସୁଦୂରପ୍ରଭାବୀ ଭାବେ ହ୍ରାସ କରାଯାଇଥିଲା ଯାହା ପରିସ୍ଥିତି ଅନୁସାରେ ନ୍ୟାୟସଙ୍ଗତ ନଥିଲା ।

ଆମ୍ଭେ ପକ୍ଷମାନଙ୍କ ତରଫରୁ ବିଜ୍ଞ ଓକିଲମାନଙ୍କୁ ଶୁଣିଛୁ ଏବଂ ଅଭିଲେଖକୁ ଅନୁଧ୍ୟାନ କରିଛୁ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅଭିଲିଖିତ କାରଣଗୁଡ଼ିକ ପାଇଁ ସିୟା ରାମଙ୍କ ଦୋଷ ମୁକ୍ତିରେ ଆମ୍ଭେ ହସ୍ତକ୍ଷେପ କରିବାକୁ ଚାହୁଁନାହୁଁ, କାରଣ ମିଥ୍ୟା ଅପରାଧରେ ସଂପୃକ୍ତ କରାଇବା ପ୍ରବଣତା ଭାରତରେ ଅସ୍ୱାଭାବିକ ନୁହେଁ । ତେବେ ଆମ୍ଭେ ଶ୍ରୀ ଦାସଙ୍କ ସହ ଏକମତ ଯେ ଜିୟା ଲାଲଙ୍କ ମାମଲାରେ ଦଣ୍ଡାଦେଶକୁ ପୂର୍ବରୁ ଭୋଗିସାରିଥିବା ଅବଧି ପର୍ଯ୍ୟନ୍ତ ହ୍ରାସ କରିବାଟା କିଛି ମାତ୍ରାରେ ଅଯଥେଷ୍ଟ ଥିଲା, କିନ୍ତୁ ଯେହେତୁ 1988 ମସିହାରେ ମକଦ୍ଦମା ଆରମ୍ଭ ହୋଇଥିଲା, ତେଣୁ ଆମ୍ଭେ କାରାବାସର ଅବଧି ବିଷୟରେ ହସ୍ତକ୍ଷେପ କରିବାକୁ ଆଗ୍ରହୀ ନାହୁଁ । ତେବେ, ଆମ୍ଭେ ନିର୍ଦ୍ଦେଶ ଦେଉଛୁ ଯେ ଜୋରିମାନାକୁ ମୋଟ 25,000/- ଟଙ୍କାକୁ ବୃଦ୍ଧି କରାଯିବ ଏବଂ ଜୋରିମାନା ଦେବାରେ ବିଫଳ ହେଲେ ଆବେଦନକାରୀ ଜିୟା ଲାଲ 2 ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବେ । ଏହି ଜୋରିମାନାକୁ ବର୍ତ୍ତମାନ ଠାରୁ ତିନି ମାସ ମଧ୍ୟରେ ଆଘାତପ୍ରାପ୍ତ ବଂଶୀ ଲାଲଙ୍କୁ ଏବଂ ଯଦି ବଂଶୀ ଲାଲ ଉପଲବ୍ଧ ନଥିବେ, ତେବେ ତାଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ପୈଠ କରାଯିବ ।

ତଦନୁସାରେ ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଆବେଦନକୁ ଆଂଶିକ ଭାବରେ ଅନୁମତି ଦିଆଯାଇଛି ।

ଆର୍.ପି. ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।